# Telephone conversation between Prime Minister Shri Narendra Modi and Prime Minister of Italy H.E. Mr. Mario Draghi

August 27, 2021

## ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଟେଲିଫୋନ୍ ଯୋଗେ ଇଟାଲୀର ପ୍ରଧାନମନ୍ତ୍ରୀ ମହାମହିମ ଶ୍ରୀ ମାରିଓ ଦ୍ରାଘିଙ୍କ ସହ କଥା ହୋଇଛନ୍ତି

**ଅଗଷ୍ଟ** 27, 2021

ପ୍ରଧାନମନ୍ତ୍ରୀ  ଶ୍ରୀ  ନରେନ୍ଦ୍ର ମୋଦୀ  ଆଜି ଇଟାଲୀର ପ୍ରଧାନମନ୍ତ୍ରୀ ମହାମହିମ ଶ୍ରୀ ମାରିଓ ଦ୍ରାଘିଙ୍କ ସହିତ ଟେଲିଫୋନ୍ ଯୋଗେ କଥା ହୋଇଛନ୍ତି ।

ଆଫଗାନିସ୍ତାନର ସାମ୍ପ୍ରତିକ ଘଟଣା ଏବଂ ସ୍ଥାନୀୟ ଅଞ୍ଚଳ ତଥା ବିଶ୍ୱରେ ଏହାର ପ୍ରଭାବ ବିଷୟରେ ଦୁଇ ନେତା ଆଲୋଚନା କରିଥିଲେ ।

ଗତକାଲି କାବୁଲ ଅନ୍ତର୍ଜାତୀୟ ବିମାନବନ୍ଦରରେ ହୋଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣକୁ ଦୁଇ ନେତା ଦୃଢ ନିନ୍ଦା କରିବା ସହ ସେଠାରେ ଫସି ରହିଥିବା ଲୋକଙ୍କ ନିରାପଦ ପ୍ରତ୍ୟାବର୍ତ୍ତନ ନିଶ୍ଚିତ କରିବା ଆବଶ୍ୟକ ବୋଲି କହିଥିଲେ ।

ଆଫଗାନିସ୍ତାନରେ ଦେଖା ଦେଇଥିବା ମାନବିକ ସଙ୍କଟ ତଥା ଦୀର୍ଘ ଦିନର ସୁରକ୍ଷା ଚିନ୍ତାକୁ ଦୂର କରିବାପାଇଁ  ଜି - ୨୦ ସ୍ତରରେ ଅନ୍ତର୍ଜାତୀୟ ସହଯୋଗର ଆବଶ୍ୟକତା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ ।

ଦୁଇ ନେତା ଜଳବାୟୁ ପରିବର୍ତ୍ତନ ଭଳି ଜି - ୨୦ ର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଏଜେଣ୍ଡା ଉପରେ ମଧ୍ୟ ଆଲୋଚନା କରିଥିଲେ । ଏହି ପରିପ୍ରେକ୍ଷୀରେ, ସେମାନେ ସିଓପି-୨୬ ପରି ଆଗାମୀ ଅନ୍ୟାନ୍ୟ ବହୁପକ୍ଷୀୟ ଘଟଣାଗୁଡ଼ିକ ଉପରେ ମଧ୍ୟ ମତ ବିନିମୟ କରିଥିଲେ ।

ଜି - ୨୦ ମଧ୍ୟରେ ଫଳପ୍ରଦ ଆଲୋଚନାରେ ଭାଗ ନେବାକୁ ଇଟାଲୀର ସକ୍ରିୟ ନେତୃତ୍ୱକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲ।

ଦ୍ୱିପାକ୍ଷିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ, ବିଶେଷ କରି ଆଫଗାନିସ୍ତାନର ପରିସ୍ଥିତି ଉପରେ ସମ୍ପର୍କ ରଖିବାକୁ ଦୁଇ ନେତା  ରାଜି ହୋଇଥିଲେ ।

**ନୂଆଦିଲ୍ଲୀ**

**ଅଗଷ୍ଟ** 27, 2021

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.